# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 28 December - 2024

*********************************

## ମୁଖ୍ୟ ସମ୍ବାଦ

- ପଞ୍ଚଭୂତରେ ବିଲୀନ ହେଲେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ; ଦିଲ୍ଲୀର ନିଗମବୋଧ ଘାଟଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ।

- ରାଜ୍ୟରେ ଅଦିନିଆ ବର୍ଷା କ୍ଷୟକ୍ଷତି ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ।

- ଅନୁସନ୍ଧାନ ଓ ନବସୃଜନ ଦିଗରେ କାର୍ଯ୍ୟ କରିବାକୁ ଆଇଆଇଟି ଭୁବନେଶ୍ୱରର ସମାବର୍ତ୍ତନ ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏବଂ

- ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଆଜିଠାରୁ ଆରମ୍ଭ ହେବ ହକି ଇଣ୍ଡିଆ ଲିଗ୍ ।

## ମନମୋହନ ସିଂହ-ଅନ୍ତିମ ସଂସ୍କାର

ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କର ଆଜି ନୂଆଦିଲ୍ଲୀର ନିଗମବୋଧ ଘାଟଠାରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅମିତ ଶାହା, ଲୋକସଭା ବାଚସ୍ପତି ଓମ୍ ବିର୍ଲା ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଜି ସକାଳୁ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ପାର୍ଥୀବ ଶରୀରକୁ ଅନ୍ତିମ ଯାତ୍ରାରେ କଂଗ୍ରେସ ମୁଖ୍ୟାଳୟଠାରୁ ନିଗମବୋଧ ଘାଟ ପର୍ଯ୍ୟନ୍ତ ନିଆଯାଇଥିଲା । ପୂର୍ବରୁ ଦଳୀୟ କର୍ମକର୍ତ୍ତା ଓ ସାଧାରଣ ଜନତାଙ୍କ ଶେଷ ଦର୍ଶନ ନିମନ୍ତେ ତାଙ୍କ ପାର୍ଥୀବ ଶରୀରକୁ କଂଗ୍ରେସ ପାର୍ଟି ମୁଖ୍ୟାଳୟଠାରେ ରଖାଯାଇଥିଲା । ସୂଚନା ଅନୁସାରେ ଗତ ୨୬ ତାରିଖରେ ୯୨ ବର୍ଷ ବୟସରେ ଡକ୍ଟର ସିଂହଙ୍କର ପରଲୋକ ଘଟିଥିଲା ।

## ଫସଲ ଆକଳନ ବୈଠକ

ରାଜ୍ୟରେ ଅଦିନିଆ ବର୍ଷାରେ ହୋଇଥିବା ଫସଲର କ୍ଷୟକ୍ଷତି ଆକଳନ ପାଇଁ ଆଜି ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେଉଛି । ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ

ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଅଛନ୍ତି । ଜିଲ୍ଲା ପ୍ରଶାସନ ଦେଇଥିବା କ୍ଷୟକ୍ଷତି ରିପୋର୍ଟ ଉପରେ ଏହି ବୈଠକରେ ଆଲୋଚନା କରାଯାଉଛି । ଆକଳନର ତଦନ୍ତ ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ସୂଚନା ଅନୁଯାୟୀ ଗତକାଲି ସୁଦ୍ଧା କ୍ଷୟକ୍ଷତି ନେଇ ୭୫ହଜାର ଚାଷୀଙ୍କ ଅଭିଯୋଗ ସରକାରଙ୍କ ନିକଟରେ ହସ୍ତଗତ ହୋଇଥିଲା ।

## ଧର୍ମେନ୍ଦ୍ର ପ୍ରଧାନ

ବିକଶିତ ଭାରତ ତଥା ବିକଶିତ ଓଡ଼ିଶା ଗଠନ ପାଇଁ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଖୋର୍ଦ୍ଧା ଜିଲ୍ଲା ଜଟଣୀସ୍ଥିତ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ଦ୍ୱାଦଶ ଓ ତ୍ରୟୋଦଶ ସମାବର୍ତ୍ତନ ଉତ୍ସବରେ ଅଭିଭାଷଣ ପ୍ରଦାନ କରି କେନ୍ଦ୍ରମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି । ଏହାଦ୍ୱାରା ଓଡ଼ିଶାର ମଧ୍ୟ ବିକାଶ ହେବ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ନବସୃଜନ ଓ ଅନୁସନ୍ଧାନ ଦିଗରେ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

**- V/O -**

ଏହି ଅବସରରେ ୨୦୨୨-୨୩ ଓ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଏକହଜାର ୩୮୮ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି ।

ସମୁଦାୟ ୮ଜଣ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣପଦକ ଏବଂ ୪୪ଜଣଙ୍କୁ ରୌପ୍ୟ ପଦକରେ ସମ୍ମାନିତ କରାଯାଇଛି ।

## ଶ୍ରୀମନ୍ଦିର ନୂଆବର୍ଷ କଟକଣା

ନୂଆବର୍ଷରେ ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସହରର ବିଭିନ୍ନ ସ୍ଥାନରେ, ଶ୍ରୀମନ୍ଦିର ଭିତରେ ଓ ବାହାରେ ୬୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ । ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ପର୍ଯ୍ୟଟକଙ୍କ ସୁରକ୍ଷା, ଟ୍ରାଫିକ ସୁପରିଚାଳନାକୁ ଗୁରୁତ୍ୱ ଦିଆଯିବ ବୋଲି ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି । ଶ୍ରୀମନ୍ଦିରର ମୁଖ୍ୟ ପ୍ରବେଶ ପଥରେ ଯାଞ୍ଚକୁ କଡ଼ାକଡ଼ି କରାଯିବ । ସମୁଦ୍ର କୂଳରେ ଅଘଟଣ ରୋକିବାକୁ ଡିସେମ୍ବର ୩୧ ଓ ଜାନୁଆରୀ ୧ ତାରିଖ ଦୁଇଦିନ ପାଇଁ ଲାଇଫ ଗାର୍ଡ ମୁତୟନ ହେବେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଚାରିଚକିଆ ଯାନ ପାଇଁ ଭିନ୍ନ ଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ଆଜିଠାରୁ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମଠାରେ ଆରମ୍ଭ ହେବ । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଆସନ୍ତା ମାସ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଗୋନାସିକା ଏବଂ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଆଜି ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ । ଆସନ୍ତା ମାସ ୩୧ ତାରିଖରେ ଦୁଇଟିଯାକ ସେମିଫାଇନାଲ ମ୍ୟାଚ୍ ଏବଂ ଫେବୃୟାରୀ

ପହିଲାରେ ଫାଇନାଲ ମ୍ୟାଚ୍ ଖେଳାଯିବ । ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ବିୟୋଗ ଯୋଗୁଁ ୭ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ ହେତୁ ଉଦ୍‌ଘାଟନୀ ସମାରୋହ ନିରାଡମ୍ବର ସହକାରେ ହେବ । ଏଥିରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ ବୋଲି ଘୋଷଣା କରାଯାଇଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୭ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## ବରଗଡ ଧନୁଯାତ୍ରା

ବିଶ୍ୱର ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚର ପରିଚୟ ପାଇଥିବା ବରଗଡର ପ୍ରସିଦ୍ଧ ଧନୁଯାତ୍ରା ଆଉ ୫ ଦିନ ପରେ ଆରମ୍ଭ ହେବ । ଏଥିପାଇଁ ପୁଲିସ ଓ

ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏ ସମ୍ପର୍କରେ ଆମ ବରଗଡ ସମ୍ବାଦଦାତାଙ୍କ ରିପୋର୍ଟ...

**- V/O –**

## କୃଷକ ରଥ ଶୁଭାରମ୍ଭ

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ କୃଷକ ରଥକୁ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଶୁଭାରମ୍ଭ କରିଛନ୍ତି । ଏହି ରଥ ଭଞ୍ଜନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ପିଏମ୍ କିଶାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଭଳି ବିଭିନ୍ନ କୃଷି ସମ୍ବନ୍ଧୀୟ ସରକାରୀ ଯୋଜନାର ପ୍ରଚାର-ପ୍ରସାର ସହ ଚାଷୀଙ୍କୁ ସଚେତନ କରାଇବା ଲକ୍ଷ୍ୟ ରଖାଯାଇଛି ।

## ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ-ଗଞ୍ଜାମ

ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ୧୦୦ଦିନିଆ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ସଚେତନତା ମାଧ୍ୟମରେ ହିଁ ଯକ୍ଷ୍ମାମୁକ୍ତ ଭାରତ ଗଠନ ସମ୍ଭବ ହୋଇପାରିବ ବୋଲି ଏହି ଅଭିଯାନରେ ଯୋଗଦେଇଥିବା ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି ।

# କୃଷକ ପଞ୍ଜିକରଣ

ଡିଜିଟାଲ କୃଷି ଅଧୀନରେ କୃଷକ ପଞ୍ଜିକରଣ ପ୍ରକ୍ରିୟା ଆସନ୍ତା ପହିଲାରୁ ପଞ୍ଚାୟତସ୍ତରୀୟ ଶିବିର ମାଧ୍ୟମରେ ଆରମ୍ଭ ହେବାକୁ ଯାଉଛି । ଏଥିରେ ଆବେଦନ କରିବା ପାଇଁ ଚାଷୀମାନଙ୍କ ଜମି ନିଜ ନାମରେ ଥିଲେ ଆଧାର କାର୍ଡ, ଭୂଲେଖ ପଟା, ଆଧାର ସଂଯୁକ୍ତ ମୋବାଇଲ ନମ୍ବରର ଆବଶ୍ୟକତା ରହିଛି । ଯେଉଁ ଚାଷୀମାନଙ୍କ ଜମିଜମା ରେକର୍ଡ ନିଜ ନାମରେ ନଥିବ

ସେମାନେ ଭୂଲେଖରେ ଥିବା ମୃତ ଜମିଧାରୀଙ୍କ ମୃତ୍ୟୁ ପ୍ରମାଣପତ୍ର ଓ ଉତ୍ତରାଧିକାରୀ ପ୍ରମାଣପତ୍ର ସହ ରେକର୍ଡ ସଂଶୋଧନ ପରେ କୃଷକ ପଞ୍ଜିକରଣ ପୋର୍ଟାଲରେ **odfr.agristack.gov.in**ରେ ପଞ୍ଜିକରଣ କରିପାରିବେ । କୃଷକମାନେ ଅଧିକ ସୂଚନା ପାଇଁ ୧୫୫-୩୩୩ ନମ୍ବରରେ ଯୋଗାଯୋଗ କରିପାରିବେ । ଏହି ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅବଧି ବୃଦ୍ଧି

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ଜାରି ରହିଥିବାବେଳ ଏହାର ଅବଧିକୁ ଜାନୁଆରୀ ମାସ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ଆବେଦନର ଶେଷ ତାରିଖ ୬ ତାରିଖ ଥିଲା । ଶିକ୍ଷକ ଏବଂ ଅନ୍ୟ ଅଧିକାରୀମାନେ ବିଭିନ୍ନ କାର୍ଯ୍ୟରେ ସଂପୃକ୍ତ ଥିବା କାରଣରୁ ଏହାଉପରେ ବିଚାର କରି ଆବେଦନର ଅବଧିକୁ ବୃଦ୍ଧି କରାଯାଇଛି । ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ **msp.odisha.gov.in** ଜରିଆରେ ୭ଟି ବର୍ଗରେ ବିଭିନ୍ନ ପୁରସ୍କାର ପାଇଁ ଆବେଦନ କରାଯାଇପାରିବ ।

## ରାଜ୍ୟ ତାଇକୋଣ୍ଡା ଚାମ୍ପିୟନସିପ

ରାଜ୍ୟ ତାଇକୋଣ୍ଡା ଆସୋସିଏସନ ପକ୍ଷରୁ ୨୧ତମ ଓଡ଼ିଶା ରାଜ୍ୟ ତାଇକୋଣ୍ଡା ଚାମ୍ପିୟନସିପ ଭଦ୍ରକ ଜିଲ୍ଲା ଚରମ୍ପାଠାରେ ଅନୁଷ୍ଠିତ ହୋଇଛି । ଏଥିରେ ରାଜ୍ୟର ୧୬ଟି ଜିଲ୍ଲାର ପ୍ରାୟ ୪୦୦ ପ୍ରତିଯୋଗୀ

ଭାଗ ନେଇଛନ୍ତି । ସର୍ବଭାରତୀୟ ତାଇକୋଣ୍ଡାର ମହାସଚିବ ଡକ୍ଟର ଜିମି ଆର୍ ଜାଗତିଆନ ଏହି ଅବସରରେ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।